# ଅଲିଭା ଦୀପ

-ଶ୍ରୀ ଘନଶ୍ୟାମ ବେସରା

ଦୀର୍ଘକାଳର ପରାଧୀନତାର ଶୋଷଣ ଓ କଷଣ ପରେ ଆମଦେଶ ଭାରତବର୍ଷ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ସ୍ୱାଧୀନତାର ସୂର୍ଯ୍ୟରେ ଆଲୋକିତ ଓ ପୁଲକିତ ହୋଇ ମୁକ୍ତିର କମନୀୟ କାନ୍ତିରେ ଉଦ୍‌ଭାସିତ ହୋଇ ଉଠିଥିଲା । ଘରେ ଘରେ ପୁରେ ପୁରେ ଆନନ୍ଦର ସୁଅ ଛୁଟିଗଲା । କିନ୍ତୁ ତତ୍‌କାଳୀନ ଦେଶର ସାମାଜିକ,ଅର୍ଥନୈତିକ ତଥା ଶିକ୍ଷାକ୍ଷେତ୍ରରେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଓ ଦୟନୀୟ ଥିଲା । ଆଜି ଭଳି ଗାଁ ଗାଁରେ ଛତୁ ଫୁଟିଲା ଭଳି ଶିକ୍ଷାନୁଷ୍ଠାନ ଗଢି ଉଠି ନ ଥିଲା । କାରଣ ସେତେବେଳେ ଲୋକେ ଶିକ୍ଷା ପ୍ରତି ସଚେତନ ନ ଥିଲେ । ଓଡିଶାରେ କଲେଜ କହିଲେ ସେତେବେଳେ କେବଳ 'ରେଭେନ୍‌ସା' କଲେଜକୁ ହିଁ ବୁଝାପଡୁଥିଲା । କାରଣ ଆଉ କୌଣସି କଲେଜ ନଥିଲା କହିଲେ ଚଳେ । ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ କହିଲେ କେବଳ ସମ୍ବଲପୁର ଜିଲ୍ଲାସ୍କୁଲ ଓ ବରଗଡ ଜର୍ଜହାଇସ୍କୁଲ ଥିଲା । ମଧ ଇଂରାଜୀ ବିଦ୍ୟାଳୟ ମଧ ଅତିବେଶୀରେ ଛଅ, ସାତୋଟି ଥିବ । ଅଧିକନ୍ତୁ ତତ୍କାଳୀନ ଶିକ୍ଷାନୁଷ୍ଠାନଗୁଡିକ ଇଂରେଜମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବାରୁ ସେଗୁଡିକ ସେମାନଙ୍କ ପ୍ରଭାବରୁ ମୁକ୍ତ ନ ଥିଲା । ଯେଉଁମାନେ ଦୁଇଅକ୍ଷର ପଢି ପାରୁଥିଲେ ସେମାନେ ସାଧାରଣ କିରାଣୀ, ପିଅନ ତଥା ତଳିଆ ଅଫିସର ସାଜି ନିଜକୁ ବାବୁ ଓ ସାହେବ ବୋଲାଇବାର ଗୌରବ ଅର୍ଜନ କରୁଥିଲେ । ସମାଜକୁ ସାମାଜିକ ବୈଷମ୍ୟର କରାଳ ଛାୟା ଗ୍ରାସ କରିଥିଲା । ଭାରତରେ ଏପରିକି ଛୁଆଁ ଅଛୁଁଆ ଭେଦଭାବ ବିଶେଷ ପରିମାଣରେ ପ୍ରଚଳିତ ଥିଲା । ଯେଉଁମାନେ ଧନୀମାନୀ, ନାମୀଦାମୀ ବୋଲାଉଥିଲେ ଯଥା-ଗୌନ୍ତିଆ, ରାଜା ଜମିଦାର ସମ୍ପ୍ରଦାୟର ଲୋକେ ଉଚ୍ଚଶିକ୍ଷାର ସୁବିଧା ଭୋଗ କରୁଥିଲେ । ଯେଉଁମାନେ ଅଛୁଆଁ ଗରୀବ ଶ୍ରେଣୀର, ସେମାନେ ମୁଣ୍ଡଝାଳ ତୁଣ୍ଡରେ ମାରି ପେଟ ପୋଷଣ କରି ଜୀବନ ଅତିବାହିତ କରୁଥିଲେ । ଅତିବେଶୀରେ ଅକ୍ଷର ଶିକ୍ଷା କିମ୍ବା ଗୀତ ବୋଲି ଭାଗ୍ୟ ଆଦରି ଏକ ଦୟନୀୟ ଜୀବନ ଅତିବାହିତ କରୁଥିଲେ । ଅତିବେଶୀରେ ଅକ୍ଷର ଶିକ୍ଷା କିମ୍ବା ଗୀତ ବୋଲା ଶିକ୍ଷାରେ ସେମାନଙ୍କ ଜୀବନରେ ଦିବା ସ୍ୱପ୍ନ ଥିଲା । ସେ କାଳରେ ନାରୀ ଶିକ୍ଷା କଥା ଚିନ୍ତା କରିବା ସମାଜରେ ମହାପାପ ବୋଲି ମନେ କରାଯାଉଥିଲା ।

ସ୍ୱାଧୀନତା ପୂର୍ବରୁ ହରିଜନ ସମ୍ପ୍ରଦାୟର ଲୋକଙ୍କୁ ସମାଜରେ ଅସ୍ପୃଶ୍ୟ ମନେ କରି ଛୁଇଁବାକୁ ଘୃଣା କରୁଥିଲେ । ଅନେକ କୁସଂସ୍କାର ଓ ଅନ୍ଧବିଶ୍ୱାସ ଭାରତୀୟ ସଂସ୍କୃତି ଐତିହ୍ୟ ଓ ପରମ୍ପରାକୁ କଳୁଷିତ କରି ରଖିଥିଲେ । ଏସବୁ କୁସଂସ୍କାର ବିଜ୍ଞାନ ସମ୍ମତ ନ ହେଲେ ମଧ ସାମାଜିକ ଜୀବନରେ ଲୋକଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଏବଂ ଶିରା ପ୍ରଶିରାରେ ମଜ୍ଜିଯାଇଥିଲା । ଅନିଚ୍ଛା ସତ୍ତ୍ୱେ ସେସବୁକୁ ବିଶ୍ୱାସ କରିବାକୁ ବାଧ ହେଉଥିଲେ ଓ ଅନେକ ସମୟରେ ଏଥିପାଇଁ ବନ୍ଧୁ ଅର୍ଥ ଶ୍ରାଦ୍ଧ ମଧ କରିବାକୁ ପଡୁଥିଲା । ଏପରିକି ବିଦ୍ୟାଳୟ ପରି ପବିତ୍ର ଅନୁଷ୍ଠାନମାନଙ୍କରେ ଏହି ହରିଜନ ଛାତ୍ରମାନଙ୍କଠାରୁ ଦୂରରେ ବସିବାକୁ ପଡୁଥିଲା । ଶିକ୍ଷକମାନେ ମଧ ବେତବାଡି ଫୋଫାଡି ଦଣ୍ଡଦେବାର ଦୃଷ୍ଟାନ୍ତ ଅତି ସାଧାରଣ ହୋଇପଡିଥିଲା ।

୧୯୩୬ ମସିହାରେ ଯେତେବେଳେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା । ସେତେବେଳେ ତତ୍‌କାଳୀନ ସମ୍ବଲପୁର ଜିଲ୍ଲାରେ ମାତ୍ର ସାତ ଆଠ ଜଣ ହରିଜନ ସମ୍ପ୍ରଦାୟର ପ୍ରାଇମେରୀ ସ୍କୁଲ ଶିକ୍ଷକ ଥିଲେ । ଦୂରଦୂରାନ୍ତ ଅଞ୍ଚଳକୁ ଯାଇ ଉଚ୍ଚ ଶିକ୍ଷା ଗ୍ରହଣ କରିବା ଏମାନଙ୍କ ଆର୍ଥିକ ମାନଦଣ୍ଡ ଦୃଷ୍ଟିକୋଣରୁ ସମ୍ଭବ ନ ଥିଲା । ସମାଜରେ ଏମାନେ ଦଳିତ ଓ ପତିତ ଅବସ୍ଥାରେ ଏକ ଦୟନୀୟ ଜୀବନ ଧାରଣ କରୁଥିଲେ । ଏ ଦିନରେ ସେମାନଙ୍କର ଉତ୍‌ଥାନ ପାଇଁ ସତେ ଯେମିତି ଭଗବାନଙ୍କ ପ୍ରେରିତ ଅବତାର ସଦୃଶ ସ୍ୱର୍ଗତ ନୃସିଂହ ଗୁରୁଙ୍କର ଆବିର୍ଭାବ ହୁଏ । ସେ ଥିଲେ ଜଣେ ନିର୍ମଳ ହୃଦୟ, କରୁଣାବନ୍ତ, ମାନବବାଦୀ ଦରିଦ୍ର ହରିଜନ ସମ୍ପ୍ରଦାୟର ବନ୍ଧୁ । ଏହି କରୁଣାବନ୍ତ, ମାନବବାଦୀ ଦରିଦ୍ର ହରିଜନମାନଙ୍କର ଶିକ୍ଷାର ପ୍ରଭୂତ କଲ୍ୟାଣ ସକାଶେ ସମ୍ବଲପୁର ସହରସ୍ଥିତ ଫାଟକ ପାଖରେ ସ୍ୱର୍ଗତ ଜନାର୍ଦ୍ଦନ ସୂପକାରଙ୍କ ଖମାର ଘରେ ଏକ ହରିଜନ ଛାତ୍ରାବାସ ୧୯୩୫ ମସିହାରେ ଆରମ୍ଭ କଲେ । ଶ୍ରୀମାନ ସୂପକାର ମହୋଦୟ ଏହି ପୁଣ୍ୟକାମ ପାଇଁ ପ୍ରାୟ ଏକ ଏକର ଜମିରେ ଦୁଇ ବଖରା ଖମାର ଘର ଓ ଏକ ଛୋଟଘର ଏହି ହରିଜନ ଗରିବ ଛାତ୍ରମାନଙ୍କ ଶିକ୍ଷାର ଉନ୍ନତି ଉଦ୍ଦେଶ୍ୟରେ ନୃସିଂହ ଗୁରୁଙ୍କ ସ୍ୱତଃ ପ୍ରବୃତ୍ତ ପୁଣ୍ୟ କର୍ମକୁ ଆଗେଇ ନେବାପାଇଁ ଦାନ କରିଥିଲେ । ଏଠାରେ ଦୀନବନ୍ଧୁ ସ୍ୱର୍ଗତ ନୃସିଂହ ଗୁରୁ ସପରିବାର ଗରିବ ଛାତ୍ରମାନଙ୍କ ଗହଣରେ ଗୋଟିଏ ପରିବାର ସଦୃଶ ଅବସ୍ଥାନ କରି ତାଙ୍କର ମହାନ ଉଜ୍ଜ୍ୱଳ ଭାରତୀୟ ପରମ୍ପରା ସମ୍ପନ୍ନ ମହତ କାର୍ଯ୍ୟକୁ ଆଗେଇ ନେବାର ଦୃଢ ସଂକଳ୍ପ କଲେ । ସେ ଥିଲେ ଜଣେ ନୈଷ୍ଠିକ,କୁଳୀନ ବ୍ରାହ୍ମଣ ପରିବାରର । ତେଣୁ ତତ୍କାଳୀନ ସମାଜରେ ସେ ବିଭିନ୍ନ ଶବ୍ଦଗତିରେ ଶରବ୍ୟ ହୋଇ କ୍ଷତାକ୍ତ ହୋଇଥିଲେ

ସୁଦ୍ଧା ତାଙ୍କ ଉଚ୍ଚ ଆଦର୍ଶରୁ ଓହରି ଯାଇନଥିଲେ । ବରଂ ଏହି ଝଡଝଞ୍ଜା ମଧ୍ୟରେ ସେହି ଅତିମାନବୀୟ ମଣିଷ ସମାଜ ଭିତରେ ସ୍ନେହ, ବନ୍ଧୁତା ଓ ମୈତ୍ରୀ ଭାବ ପ୍ରତିଷ୍ଠା କରି ଏକ ସୁସ୍ଥ ସମାଜ ଗଠନ କରିବାରେ ଅନେକାଂଶରେ ସଫଳ ହୋଇଛନ୍ତି । ମୋର ବ୍ୟକ୍ତିଗତ ଜୀବନରେ କେତେ ଦୃଷ୍ଟାନ୍ତରୁ ଏହା ସୁସ୍ପଷ୍ଟ ।

୧୯୩୪ ମସିହାରେ ସମ୍ବଲପୁର ଜିଲ୍ଲା ସ୍କୁଲରେ ପ୍ରଥମ କରି ତିନିଜଣ ହିରଜନ ପିଲା ଚତୁର୍ଥ ଶ୍ରେଣୀରେ ଯୋଗଦେଲେ । ସେତେବେଳେ ମୁଁ (ଘନଶ୍ୟାମ ବେସନ) ଝାରସୁଗୁଡା ମଧ୍ୟଇଂରାଜୀ ବିଦ୍ୟାଳୟରୁ ବୃତ୍ତି ଲାଭ କରି ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରିବା ପାଇଁ ସମ୍ବଲପୁର ଜିଲ୍ଲା ସ୍କୁଲରେ ନାମ ଲେଖାଇଥାଏ । ଏପରିକି ଛାତ୍ରାବାସରେ ମଧ୍ୟ ସ୍ଥାନ ପାଇଥାଏ । କିନ୍ତୁ ଅତୀବ ଦୁଃଖର କଥା ଯେ ମୁଁ ଅସ୍ପୃଶ୍ୟ ବୋଲି ଅନ୍ୟମାନଙ୍କର ଗାତ୍ରଦାହ ହେବାକୁ ଲାଗିଲା । ଯାହା ଫଳରେ ୧୯୩୫ ମସିହା ବେଳକୁ ମୁଁ ମଧ୍ୟ ସ୍ୱର୍ଗତ ଗୁରୁଙ୍କ ପରିଚାଳିତ ଛାତ୍ରାବାସରେ ଅନ୍ତେବାସୀ ଭାବରେ ରହିବାର ସୁଯୋଗ ପାଇଥିଲି । ତାଙ୍କଠାରୁ ମୁଁ ମୋର ଭବିଷ୍ୟତ ଜୀବନ ପାଇଁ ମୂଲ୍ୟବାନ ନୀତିଶିକ୍ଷା ଓ ମଣିଷପରି ମଣିଷ ହେବାର ଗୁରୁମନ୍ତ୍ର ଲାଭ କରି ପାରିଥିଲି । ଯାହା ମୋତେ ମୋର ଭବିଷ୍ୟତ ଜୀବନରେ ଏକ ଆଦର୍ଶ ମଣିଷ କରି ଗଢି ତୋଳିବାରେ ସହାୟକ ହୋଇଛି ଓ ମୁଁ ମୋ ଜୀବନ କାଳ ଭିତରେ ମୋର ସକଳ କାର୍ଯ୍ୟ ପ୍ରତିକ୍ଷେତ୍ରରେ ଦକ୍ଷତାର ସହିତ ସମ୍ପନ୍ନ କରିଆସିଛି ବୋଲି ମୋର ଆତ୍ମବିଶ୍ୱାସ ହେଉଛି । ମୋ ଭଳି ସେହି ଛାତ୍ରାବାସରେ ଅବସ୍ଥାନ କରୁଥିବା ଅନ୍ୟ ଛାତ୍ର ବନ୍ଧୁଗଣ ମଧ୍ୟ ସେମାନଙ୍କ ଜୀବନ ପଥରେ ସଫଳତାର ସହିତ ଆଗେଇ ଥିବାର ଦୃଷ୍ଟାନ୍ତ ମିଳେ । ଆମର ପୂଜନୀୟ ଗୁରୁ ୧୯୪୨ ମସିହାରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ଦେଶ ପାଇଁ କାରାବରଣ କରିଛନ୍ତି । ଠିକ୍ ଏହି ସମୟରେ ସ୍ୱର୍ଗତ ଶିବନାରାୟଣ ପାଢୀ କିଛି ସମୟ ପାଇଁ ଏହି ହରିଜନ ଛାତ୍ରାବାସର ଦାୟିତ୍ୱ ନେଇଥିଲେ । କିଛିଦିନ ପରେ ଛାତ୍ରାବାସଟି ବନ୍ଦ ହୋଇ ଯାଇଥିଲା ।

୧୯୩୫ ରୁ ୧୯୪୨ ପର୍ଯ୍ୟନ୍ତ ସ୍ୱର୍ଗତ ଗୁରୁଙ୍କ ପରିଚାଳିତ ଛାତ୍ରାବାସରେ ହରିଜନ ଛାତ୍ର ବନ୍ଧୁଗଣ ପଢା ଶେଷ କରି ବିଭିନ୍ନ ସରକାରୀ, ବେସରକାରୀ ଚାକିରୀରେ ଯୋଗଦେଇ ଉପଯୁକ୍ତ ଭାବରେ ଦକ୍ଷତା ସମ୍ପନ୍ନ କର୍ମଚାରୀ ଭାବରେ କାର୍ଯ୍ୟ ଏବଂ ଘରସଂସାର ଚଳାଇ ନିଜ ନିଜର ସନ୍ତାନ ସନ୍ତତିମାନଙ୍କୁ ମଣିଷ କରାଇ ଭଲ ଭଲ ପଦବୀ ଚାକିରୀରେ ଅବସ୍ଥାପିତ କରାଇ ହରିଜନ ସଂପ୍ରଦାୟର ଉନ୍ନତିର ପଥ ପ୍ରଶସ୍ତ କରିଛନ୍ତି ।

ଯାହାହେଉ ଭଗବାନଙ୍କ କରୁଣାରୁ ଏବଂ ସ୍ୱର୍ଗତ ଗୁରୁଙ୍କର ପ୍ରଦର୍ଶିତ ପଥ ଓ ଅନୁକମ୍ପାରୁ ଏ ସମ୍ପ୍ରଦାୟର ଲୋକେ ବର୍ତ୍ତମାନ ବିଭିନ୍ନ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ଏପରିକି ମନ୍ତ୍ରୀ ପର୍ଯ୍ୟନ୍ତ ହୋଇ ପାରିଛନ୍ତି । ଭବିଷ୍ୟତରେ ଆହୁରି ମଧ୍ୟ ହେବେ । ଏ କ୍ଷେତ୍ରରେ ଗୁରୁଜୀଙ୍କ ଦାନ ଏ ସଂପ୍ରଦାୟ ପାଇଁ ଅତୁଳନୀୟ ।

ବାସ୍ତବରେ ଏ ପତିତ ଜାତିଟାକୁ ଉପରକୁ ଉଠିବା ପାଇଁ ଯେଉଁ ଉତ୍ସାହ, ପ୍ରେରଣା ଓ ଉଦ୍ଦୀପନା ତଥା ସତ୍‌ଗୁଣ ଓ ସତ୍‌ଶିକ୍ଷାର ମାର୍ଗ ପ୍ରଦର୍ଶନ କରିଛନ୍ତି, ସେ ଦୃଷ୍ଟିରୁ ସ୍ୱର୍ଗତ ନୃସିଂହ ଗୁରୁ ଚିରଦିନ ଏ ସଂପ୍ରଦାୟ ପାଖରେ ସ୍ମରଣୀୟ ହୋଇ ଏକ ଅଲିଭା ଦୀପ ହୋଇ ଏ ଜାତିଟାକୁ ନିରାପ. ନିର୍ଭୟରେ ଆଗକୁ ଆଗେଇ ଯିବା ପାଇଁ ଆଲୋକ ବର୍ତ୍ତିକା ପ୍ରଦର୍ଶନ କରି ଆଗେଇ ଯିବାରେ ସହାୟକ ହେବ । ବାସ୍ତବରେ ଏ ଦୀପ କେବେ ଲିଭିବ ନାହିଁ । ଏହା ହରିଜନ ସଂପ୍ରଦାୟ ପ୍ରତି ଅଲିଭା ଦୀପ ହୋଇ ରହିଥିଲା, ରହିଛି ଓ ରହିଥିବ । ଏହାହିଁ ହେବ ଗୁରୁଜୀଙ୍କ ପ୍ରତି ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ପ୍ରଣତି ।

ଗ୍ରା / ପୋ : ଏକାତାଲି
ଜିଲ୍ଲା - ଝାରସୁଗୁଡା